## ବିଦ୍ୟାଳୟରୁ ଚୋରି



**ଧାମନଗର, ୧୨।୪ (ଦେବେନ୍ଦ୍ର ଆନ୍ଦିଆ)**

ଧାମନଗର ଅଞ୍ଚଳରେ ଦିନକୁ ଦିନ ଚୋରି ବୃଦ୍ଧି ପାଇବାରେ ଲାଗିଛି। ଗୁରୁବାର ବିଳମ୍ବିତ ରାତିରେ କରଦା ପଞ୍ଚାୟତସ୍ଥିତ ପି ସି ଉଚ୍ଚ ବିଦ୍ୟାଳୟ ଓ କରଦା ନୋଡାଲ ବିଦ୍ୟାଳୟ ତାଲା ଭଙ୍ଗାଯାଇ ଅଷ୍ଟମ ଶ୍ରେଣୀ ଗୃହରୁ ଦୁଇଟି ଫ୍ୟାନ୍ ଚୋରି ହୋଇଛି। ବିଦ୍ୟାଳୟ ଅଫିସ ତାଲା ଭଙ୍ଗାଯିବା ସହ ଦୁଇ ସ୍କୁଲର ଜଳ ଯୋଗାଣ ପାଇଁ ମଟର ଥିବା ଗୃହର ତାଲା ଓ ସ୍କାଏଲାଇଟ ଭଙ୍ଗାଯାଇଛି। ନୋଡାଲ ବିଦ୍ୟାଳୟର ଷ୍ଟୋର ରୁମ୍ ଓ ଶ୍ରେଣୀ ଗୃହ ତାଲା ମଧ୍ୟ ଭଙ୍ଗାଯାଇଛି। ପ୍ରକାଶଥାଉ କି, ଚୋରମାନେ ପୂର୍ବରୁ ୩ ଥର ନୋଡାଲ ବିଦ୍ୟାଳୟର ତାଲା ଭାଙ୍ଗି ମଟର ଚୋରି କରି ନେଇଥିଲେ। ଚୋରି ନେଇ ଉକ୍ତ ବିଦ୍ୟାଳୟ ଓ ନୋଡାଲ ସ୍କୁଲର ପ୍ରଧାନଶିକ୍ଷକ ନିରଞ୍ଜନ ପଣ୍ଡା ଓ ଧନେଶ୍ୱର ମୁଣ୍ଡା ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି।

# ସଜେଇ ହେଲାଣି ପାଟଣମଙ୍ଗଳା ମନ୍ଦିର

**ତିହିଡ଼ି, ୧୨।୪ (ସଞ୍ଜିତ ବଳ)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ନରେନ୍ଦ୍ରପୁର ପଞ୍ଚାୟତ ଅଧୀନ ଛତ୍ରପଦା ଗ୍ରାମସ୍ଥିତ ମା' ପାଟଣମଙ୍ଗଳାଙ୍କ ମନ୍ଦିର ପଣାସଂକ୍ରାନ୍ତି ପାଇଁ ସଜେଇ ହେଲାଣି। ପୀଠ ଚଳଚଞ୍ଚଳ ହୋଇଉଠିଛି। ସହସ୍ରାଧିକ ପାଟୁଆଙ୍କ ନୃତ୍ୟ ଓ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମରେ ପଣାସଂକ୍ରାନ୍ତିଠାରୁ ୫ ଦିନ ଧରି ପୀଠ ଉତ୍ସବମୁଖର ହେବ। କନିକା ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ପାଟଣମଙ୍ଗଳାଙ୍କ ପୀଠରେ ପଣାସଂକ୍ରାନ୍ତି ଉପଲକ୍ଷେ ପାଟୁଆ ଯାତ୍ରା ବେଶ୍ ପ୍ରସିଦ୍ଧିଲାଭ କରିଛି। ଜଗନ୍ନାଥ ପଞ୍ଜିକା ଅନୁଯାୟୀ ରବିବାର ସଂକ୍ରାନ୍ତି ପଡୁଥିବାରୁ ସେହିଦିନଠାରୁ ପର୍ବ ଅନୁଷ୍ଠିତ ହେବ। ପଣା, ଚଣା ଓ ବିଞ୍ଚଣା ପାଇଁ ବି ଏହି ପର୍ବ ବେଶ୍ ଲୋକପ୍ରିୟତା ହାସଲ କରିଛି।

ପର୍ଯ୍ୟଟନ ସ୍ଥଳର ମାନ୍ୟତା ପାଇଥିବା ଏହି କ୍ଷେତ୍ର ଐତିହ୍ୟ ସମ୍ପନ୍ନ ହୋଇଥିବା ବେଳେ ମା'ଙ୍କ ଗାଥା ବି ସର୍ବଜନବିଦିତ। କୁହାଯାଏ ପୂର୍ବରୁ ସେହି ଅଞ୍ଚଳ ସମୁଦ୍ର ତଟବର୍ତ୍ତୀ ଥିଲା ଏବଂ ସାଧବମାନେ ବଣିଜ କରିବାକୁ ବିଦେଶ ଯାଉଥିଲେ। ନରେନ୍ଦ୍ରପୁର ଗ୍ରାମର ଧନେଶ୍ୱର ସୌଦାଗର ବଣିଜ କରିବାକୁ ଶ୍ରୀଲଙ୍କା ଯାଇଥିଲେ। ଶ୍ରୀଲଙ୍କାର ଆରାଧ୍ୟ ଦେବୀ ମା' ଲଙ୍କେଶ୍ୱରୀଙ୍କୁ ଅବମାନନା କରି ଧନେଶ୍ୱର ମା'ଙ୍କ ଦ୍ୱାରା ଅଭିଶପ୍ତ ହେବା ସହ ଶ୍ରୀଲଙ୍କା ରାଜାଙ୍କ ଦ୍ୱାରା ବନ୍ଦୀ ହୋଇଥିଲେ। ପରେ ଧନେଶ୍ୱର ମା'ଙ୍କୁ ଆରାଧନା କରିବା ପରେ ବନ୍ଦୀ ମୁକ୍ତ ହୋଇଥିଲେ। ମା' ପ୍ରସନ୍ନ ହୋଇ ତାଙ୍କ ସହ ଆସିବାକୁ ଇଚ୍ଛା ପ୍ରକାଶ କରିଥିଲେ। ସେ ମା'ଙ୍କୁ ସାଙ୍ଗରେ ଆଣି ପଣା ସଂକ୍ରାନ୍ତି ଦିନ ପ୍ରତିଷ୍ଠା କରିଥିବା କୁହାଯାଏ। ସମସ୍ତଙ୍କର ମଙ୍ଗଳ କରୁଥିବାରୁ ସେ ପାଟଣମଙ୍ଗଳା ନାମରେ ନାମିତ ହୋଇଥିଲେ। ପରେ କନିକା ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜ ମା'ଙ୍କ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ତାଙ୍କ ପୁଅ ନାରାୟଣ ଭଞ୍ଜ ସମ୍ପୂର୍ଣ୍ଣ କରିଥିଲେ। ମନ୍ଦିରରେ କଳା ମୁଗୁନି ପଥରରେ ନିର୍ମିତ ୩ ଫୁଟ୍ ଉଚ୍ଚତାର ମା'ଙ୍କ ଚତୁର୍ଭୁଜା ମୂର୍ତ୍ତି ପୂଜା ପାଉଛି।



ପାଟଣମଙ୍ଗଳା ମନ୍ଦିର।

- ପଣାସଂକ୍ରାନ୍ତି ପାଇଁ ପୀଠ ଚଳଚଞ୍ଚଳ
- ପୂର୍ବଦିନ ରାତିସାରା ଦୀପ ଜାଳନ୍ତି ମାନସିକଧାରୀ ପାଟୁଆ

ପଣା ସଂକ୍ରାନ୍ତି ପୂର୍ବଦିନ ମାନସିକଧାରୀ ପାଟୁଆମାନେ ମା'ଙ୍କ ନିକଟରେ ରାତି ସାରା ଉଜାଗର ରହି ଦୀପ ଜାଳିଥାନ୍ତି। ପରଦିନ ମନ୍ଦିର ନିକଟସ୍ଥ ପୋଖରୀରେ ବୁଡ଼ ପକାଇ ମନ୍ଦିର ବେଢ଼ାରେ ନୃତ୍ୟ କରିଥାନ୍ତି। ଜିଲା ଏବଂ ଜିଲା ବାହାରୁ ବିଭିନ୍ନ ବ୍ୟବସାୟୀମାନେ ମଧ୍ୟ ସେମାନଙ୍କ ପ୍ରତିଷ୍ଠାନ ଖୋଲିଥାନ୍ତି। ଚଳିତବର୍ଷ ମନ୍ଦିର କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଥିବା ବେଳେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଥିବା ପୀରହାଟ ଥାନା ଆଇଆଇସି ଅଜୟ କୁମାର ମୁର୍ମୁ କହିଛନ୍ତି।

## ସରକାରୀ ରାସ୍ତାରୁ ଜବରଦଖଲ ଉଚ୍ଛେଦ


ସୟା ମୌଜାରେ ସରକାରୀ ରାସ୍ତାରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

**ତିହିଡ଼ି, ୧୨।୪ (ସଞ୍ଜିତ ବଳ)**

ତିହିଡ଼ି ତହସିଲ ଅଧୀନ ସୟା ମୌଜାରେ ସରକାରୀ ରାସ୍ତାକୁ ଜଣେ ବ୍ୟକ୍ତି ଜବରଦଖଲ କରି ଗୃହ ନିର୍ମାଣ କରିଥିଲେ। ଏନେଇ ଅଭିଯୋଗ ହେବା ପରେ ଶୁକ୍ରବାର ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ସୟା ମୌଜାର ବୀରବରପୁର ଛକ ନିକଟରେ ଥିବା ବସ୍ତି ଯୋଗ୍ୟ ଅନାବାଦୀ ଜାଗାକୁ ୨୦୧୦ରେ ୩୨ଜଣ ଭୂମିହୀନଙ୍କୁ ଗୃହ ନିର୍ମାଣ ନିମନ୍ତେ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଥିଲା। ଖାତା ନଂ. ୧୦୭୮ରେ ସେହି ଭୂମିହୀନମାନଙ୍କୁ ବସ୍ତି ଯୋଗ୍ୟ ଅନାବାଦୀ ଜମି ଦିଆଯାଇଥିଲା। ସେମାନଙ୍କ ଯାତାୟାତ ପାଇଁ ରାସ୍ତା କରାଯାଇଥିଲା। ତେବେ ସେହି ରାସ୍ତା ମଧ୍ୟରୁ ପ୍ଲଟ ନଂ. ୫୬୭୯ରେ ୪ ଡିସିମିଲ ଜମିକୁ ଡିଆଁସାହି ଗ୍ରାମର ମଧୁସୂଦନ ମଲିକ ଜବରଦଖଲ କରି ଗୃହ ନିର୍ମାଣ କରିଥିଲେ। ଭୂମିହୀନମାନେ ଏ ସମ୍ପର୍କରେ ତହସିଲଦାରଙ୍କ ନିକଟରେ ଅଭିଯୋଗ କରି ପଦକ୍ଷେପ ନେବାକୁ ଦାବି କରିଥିଲେ। ତହସିଲ କାର୍ଯ୍ୟାଳୟ ପକ୍ଷରୁ ମଧୁସୂଦନଙ୍କୁ ଏନେଇ ନୋଟିସ ଦିଆଯିବା ସହ ତୁରନ୍ତ ଜାଗା ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମଧୁସୂଦନ ଘର ଖୋଲି ନେଇଥିବା ବେଳେ ସେହି ଜାଗାରେ କେବଳ ସିମେଣ୍ଟ ଖୁଣ୍ଟ ଥିଲା। ପ୍ରଶାସନ ପକ୍ଷରୁ ଜେସିବି ସହାୟତାରେ ସେହି ଖୁଣ୍ଟ ସବୁକୁ ଉଠାଇ ଦିଆଯାଇଛି। ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ତିହିଡ଼ି ଥାନା ଆଇଆଇସି ପ୍ରସନ୍ନ କୁମାର ନାୟକ, ଏସ୍ଆଇ ଅରୁନ୍ଧତୀ ବେହେରା, ଏଏସ୍ଆଇ ଦିଲୀପ ଦେହୁରୀ, ଆର୍ଆଇ ଗୋଲକ ମୁର୍ମୁ, ମୀନକେତନ ଦାସ, ସୁପରଭାଇଜର ଗିରିଶ ଚନ୍ଦ୍ର ନାୟକ, କିରାଣି ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଉଚ୍ଛେଦ ବେଳେ ଉପସ୍ଥିତ ଥିଲେ।

## ଗୀତ ଗାଇ ଶାନ୍ତିଲତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ଛାତ୍ରୀଛାତ୍ର

**ବାସୁଦେବପୁର, ୧୨।୪ (ନାରାୟଣ ପ୍ରସାଦ ବାରିକ୍)**

ବାସୁଦେବପୁର ନୀଳମଣି ମାର୍କେଟ କମ୍ପ୍ଲେକ୍ସ ସାମ୍ନାରେ ଶହୀଦ ସ୍ମୃତି ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ଦିବଂଗତ କଣ୍ଠଶିଳ୍ପୀ ଶାନ୍ତିଲତା ବାରିକଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଦୁଶାସନ ରାଉତ ଯୋଗଦେଇ ଭଜନ ସାମ୍ରାଜ୍ଞୀ ତଥା କଣ୍ଠଶିଳ୍ପୀ ବାରିକଙ୍କ ବିୟୋଗ ସଙ୍ଗୀତ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ସେ କହିଥିଲେ। ଯୁବପିଢ଼ିର ଗାୟିକା ଗାୟକ ଛାତ୍ରୀଛାତ୍ର ତାଙ୍କର ପଦାଙ୍କ ଅନୁସରଣ କଲେ ସେମାନେ ତାଙ୍କ ପରି ଭଜନ ସଙ୍ଗୀତ ଗାଇପାରିବେ ବୋଲି ସେ କହିଥିଲେ। ଶିଶୁ ସାହିତ୍ୟିକ ବାଦଲ ମହାନ୍ତି, ଶହୀଦ ସ୍ମୃତି ସଙ୍ଗୀତ ମହାବିଦ୍ୟାଳୟ ସମ୍ପାଦକ ଲକ୍ଷ୍ମୀଧର ବେହେରା ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଶହୀଦ ସ୍ମୃତି ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଶାନ୍ତିଲତାଙ୍କ ସ୍ୱରଚିତ ଗୀତ ଗାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



ସ୍ମୃତିସଭାରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

## 'ସମାଜକୁ ଶୃଙ୍ଖଳିତ କରାଇବାରେ ଛାତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'


ଭଦ୍ରକ ମହାବିଦ୍ୟାଳୟ ପ୍ରତୀକ୍ଷା ଛାତ୍ରୀନିବାସର ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥି।

**ଭଦ୍ରକ, ୧୨।୪ (ସନାତନ ରାଉତ)**

ସମାଜକୁ ଶୃଙ୍ଖଳିତ କରାଇବାରେ ଛାତ୍ରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଭଦ୍ରକ ମହାବିଦ୍ୟାଳୟ ପ୍ରତୀକ୍ଷା ଛାତ୍ରୀନିବାସର ପ୍ରଥମ ବାର୍ଷିକୋତ୍ସବରେ ମୁଖ୍ୟଅତିଥି ଭାବେ କଲେଜ ଅଧ୍ୟକ୍ଷ ଡ. ଦୁର୍ଗା ଶଙ୍କର ଦାସ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ଏଥିସହ ନାରୀକେନ୍ଦ୍ରିକ ସମାଜ ବିଷୟରେ ସେ ଆଲୋକପାତ କରିଥିଲେ। ଛାତ୍ରୀନିବାସର ତତ୍ତ୍ୱାବଧାରିକା ଡ. ସ୍ୱପ୍ନା ସରିତା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଶିକ୍ଷା ବିଭାଗ ମୁଖ୍ୟ ଡ. ସୁବୋଧ ଚନ୍ଦ୍ର ମିଶ୍ର ଯୋଗଦେଇ ଛାତ୍ରୀମାନେ ମାନସିକ ସ୍ତରରେ ଦୃଢ଼ ହୋଇ ଓ ଲୋଭଠାରୁ ଦୂରରେ ରହି ସୁନ୍ଦର ଭବିଷ୍ୟତ ଗଠନ କରିବାକୁ ଆହ୍ୱାନ ଦେଇଥିଲେ। ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ଡ. କମଳାକାନ୍ତ ଜେନା ଅନ୍ୟତମ ବକ୍ତା ଭାବେ ଯୋଗଦେଇ ସମୟର ସୁପରିଚାଳନା ଭବିଷ୍ୟତ ଜୀବନକୁ ସୁଖମୟ କରିବ ବୋଲି କହିଥିଲେ। ଡ. ଅଶୋକ କୁମାର ଦାସ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ସହ-ତତ୍ତ୍ୱାବଧାରକ ଅଧ୍ୟାପକ ପ୍ରସନ୍ନ କୁମାର ନାଥ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଅନ୍ତେବାସୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଅନିଲ କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଓଭରବ୍ରିଜରୁ ଖସିପଡ଼ିଲା କଦଳୀ ବୋଝେଇ ଟ୍ରକ୍

**ଭଦ୍ରକ, ୧୨।୪ (ସନାତନ ରାଉତ)**

୧୬ ନଂ. ଜାତୀୟ ରାଜପଥର ଭଦ୍ରକ ଗେଲପୁରଠାରେ ଶୁକ୍ରବାର ସକାଳେ ଏକ କଦଳୀ ବୋଝେଇ ଟ୍ରକ୍ ଓଭରବ୍ରିଜରୁ ତଳକୁ ଖସି ପଡ଼ିଛି। ଟ୍ରକ୍‌ର ଆଗ ଚକ ଫାଟିଯିବାରୁ ଭାରସାମ୍ୟ ହରାଇ ଓଭରବ୍ରିଜରୁ ତଳକୁ ଓଲଟି ପଡ଼ିଥିଲା। ଏହି ଦୁର୍ଘଟଣାରେ ଟ୍ରକ୍ ଡ୍ରାଇଭର ଆହତ ହୋଇଛନ୍ତି।

ସୂଚନା ଅନୁଯାୟୀ, ଆନ୍ଧ୍ରପ୍ରଦେଶରୁ କଦଳୀ ବୋଝେଇ ହୋଇ ଆସୁଥିବା ଟ୍ରକ୍ (ନଂ-ଏପି ୦୭ ଟିଏମ୍ ୧୬୬୫) ବାଲେଶ୍ୱର ଅଭିମୁଖେ ଯାଉଥିଲା। ଗେଲପୁର ଓଭରବ୍ରିଜ ନିକଟରେ ଚକ ଫାଟି ଯିବାରୁ ଗାଡ଼ି ଉପରୁ ଡ୍ରାଇଭର ନିୟନ୍ତ୍ରଣ ହରାଇଥିଲେ। ଫଳରେ ଟ୍ରକ୍‌ଟି ଓଭରବ୍ରିଜର ସୁରକ୍ଷା ବାଡ଼ା ଭାଙ୍ଗି ତଳକୁ ଖସି ପଡ଼ିଥିଲା। ଆହତ ଡ୍ରାଇଭରଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଭଦ୍ରକ ଗ୍ରାମାଞ୍ଚଳ ଥାନା ଏଏସ୍ଆଇ ଯତୀନ୍ଦ୍ର ନାଥ ସିଙ୍କୁ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ।


ଓଲଟି ପଡ଼ିଥିବା ଟ୍ରକ୍।

## ଭଦ୍ରକର ପରମ୍ପରା, ସଂସ୍କୃତିର ପରିଚୟ ଦିଏ ଶ୍ରୀରାମ ନବମୀ ମହୋତ୍ସବ

**ଭଦ୍ରକ, ୧୨।୪ (ରବିନାରାୟଣ ଖିଲାର)**

ଭଦ୍ରକ ଗାନ୍ଧୀପଡ଼ିଆରେ ୩୪ତମ ଶ୍ରୀରାମ ନବମୀ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଶ୍ରୀରାମ ମହାଯଜ୍ଞ ସମିତିର ସମ୍ପାଦକ ସ୍ୱାଧୀନ ସୁନ୍ଦର ଦାସଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବକୁ ସଭାପତି ଆଇନଜୀବୀ ନିତ୍ୟାନନ୍ଦ ନାୟକ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କମିଟିର କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି, ସାଧାରଣ ସମ୍ପାଦକ ଶରତ ଚନ୍ଦ୍ର ପଡ଼ିଆରୀ, ସଂଯୋଜକ ଗୋବିନ୍ଦ ଚନ୍ଦ୍ର ରାଉତ, ବିଜୟ ନାୟକ, ମୁଖ୍ୟବକ୍ତା ଅଧ୍ୟାପକ ନିହାର ରଞ୍ଜନ କର, ସମ୍ମାନିତ ବକ୍ତା ନାଟ୍ୟଶ୍ରୀ ନିର୍ମଳ ରାଉତ, ଚିତ୍ରଶିଳ୍ପୀ ଜୟନ୍ତ ନାୟକ, ଶିକ୍ଷାବିତ୍ ପ୍ରଦୀପ ବେହେରା, ସ୍ୱରୂପାନନ୍ଦ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଶ୍ରୀରାମ ନବମୀ ମହୋତ୍ସବ ଭଦ୍ରକର ଐତିହ୍ୟ, ପରମ୍ପରା ଓ ସଂସ୍କୃତିର ପରିଚୟ ଦେଇଥାଏ ବୋଲି ଅତିଥିମାନେ କହିଥିଲେ। କମିଟିର ଉପସଭାପତି ଜଗନ୍ନାଥ ଦାଶ, ତ୍ରିଲୋଚନ ନାୟକ, ତୁଷାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପିଲାମାନଙ୍କ ମଧ୍ୟରେ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଚାରପତି ଭାବେ ସଞ୍ଜୀବ ନାୟକ, ଲିଟୁ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

## ଧର୍ମପରାୟଣା ମହିଳାଙ୍କ ପରଲୋକ

**ଭଣ୍ଡାରିପୋଖରୀ, ୧୨।୪ (ରବିନାରାୟଣ ଖିଲାର)**

ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତ ସାରଣା ଗ୍ରାମର ଧର୍ମପରାୟଣା ମହିଳା କେଶୀ ପାଣିଗ୍ରାହୀ (୭୬)ଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଛି। ଛାତିରେ ଯନ୍ତ୍ରଣା ଯୋଗୁ ଚିକିତ୍ସାଧୀନ ଥିଲେ। ସେ ବିଶିଷ୍ଟ ଶିଳ୍ପୀ ଜୟରାମ ପାଣିଗ୍ରାହୀଙ୍କ ପତ୍ନୀ ଓ ଗାୟକ କଳାକାର ଅନିରୁଦ୍ଧ ପାଣିଗ୍ରାହୀଙ୍କ ଭାଇବୋହୂ। ପ୍ରାକ୍ତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ସୁବ୍ରତ ଦାସ, ବ୍ଲକ ସଭାପତି ରଜନୀକାନ୍ତ ଚାନ୍ଦ, ଜିଲା କଂଗ୍ରେସ ମହିଳା ସଭାନେତ୍ରୀ ସବିତା ଚାନ୍ଦ, ପ୍ରାକ୍ତନ ସମିତିସଭ୍ୟ ନୃସିଂହ ଖିଲାର, ମୋହନ ରାୟ, ବିନୋଦ ବିହାରୀ ପଲେଇ, ପ୍ରତ୍ୟୁଷ ସାମଲ ପ୍ରମୁଖ ଶୋକବ୍ୟକ୍ତ କରିବା ସହ ଶେଷ ଦର୍ଶନ କରିଥିଲେ।

## ଶପଥ ନେଲେ ଆଇଏମ୍ଏ ଶାଖାର ନୂତନ ସଦସ୍ୟ

**ଭଦ୍ରକ, ୧୨।୪ (ସନାତନ ରାଉତ)**

ଭାରତୀୟ ଚିକିତ୍ସକ ସଂଘ (ଆଇଏମ୍ଏ) ଭଦ୍ରକ ଶାଖା ପକ୍ଷରୁ ନୂତନ ସଦସ୍ୟମାନଙ୍କ ଶପଥ ଗ୍ରହଣ ଉତ୍ସବ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଡା. ରବୀନ୍ଦ୍ର କୁମାର ନାୟକ ଅଧ୍ୟକ୍ଷତା କରିବା ସହ ଜଣେ ସଫଳ ଚିକିତ୍ସକ ହେବା ପାଇଁ ଧୈର୍ଯ୍ୟ ଓ ରୋଗର ସଫଳ ଅନୁଶୀଳନ ଜରୁରୀ ବୋଲି କହିଥିଲେ। ଅତିଥି ଭାବେ ଡା. ହରେକୃଷ୍ଣ ନାୟକ ଯୋଗଦେଇ ଜଣେ ଚିକିତ୍ସକଙ୍କ ଧର୍ମ ଓ ସମାଜ ପ୍ରତି ଦାୟିତ୍ୱ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଡା. ରଞ୍ଜିତ କୁମାର ଖଟୁଆ ସମ୍ପ୍ରତି ଚିକିତ୍ସକମାନଙ୍କ ପ୍ରତି ହେଉଥିବା କ୍ରମବର୍ଦ୍ଧିଷ୍ଣୁ ଆକ୍ରମଣକୁ ନେଇ ଚିନ୍ତାପ୍ରକଟ କରିଥିଲେ। ଡା. ଉମେଶ ଚନ୍ଦ୍ର ଜେନା, ଶକ୍ତିକାନ୍ତ ମଲ୍ଲିକ, ଅକ୍ଷୟ କୁମାର ମହାରଣା, ବୈଦ୍ୟନାଥ ଓଝା, ପ୍ରଭୁଦତ୍ତ ଦାସ, ହୃଷୀକେଶ ସାହୁ, ଗୌରାଙ୍ଗ ପ୍ରସାଦ, ସ୍ମୃତି ବଡ଼ଜେନା, ଶୁଭଶ୍ରୀ ପଣ୍ଡା, ସଂଘମିତ୍ରା ପଣ୍ଡା, ଏମ୍. ମନୋଜ ଭାରତୀୟ ଚିକିତ୍ସକ ସଂଘର ନୂତନ ସଦସ୍ୟ ଭାବେ ଶପଥ ଗ୍ରହଣ କରିଥିଲେ। ଡା. ଭଗବାନ ଦୀକ୍ଷିତ, ସୁବାସ ବିଶ୍ୱାଳ, ଶତ୍ରୁଘ୍ନ ହାତୀ, ଝସକେତନ ମହାନ୍ତି, ଧନଞ୍ଜୟ ପଣ୍ଡା, ଭାଗ୍ୟଶ୍ରୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।


ଶପଥଗ୍ରହଣ ଉତ୍ସବରେ ଅତିଥିଙ୍କ ସହ ଆଇଏମ୍ଏର ନୂତନ ସଦସ୍ୟ।

## ଭାଜପାର ମଣ୍ଡଳସ୍ତରୀୟ ନିର୍ବାଚନୀ ବୈଠକ

**ଭଦ୍ରକ, ୧୨।୪ (ସନାତନ ରାଉତ)**

ଜିଲା ଭାଜପା କାର୍ଯ୍ୟାଳୟରେ ଭଦ୍ରକ ବିଧାନସଭା କ୍ଷେତ୍ର ଅଧୀନ ମା' ସାତଭଉଣୀ ମଣ୍ଡଳ ପକ୍ଷରୁ ନିର୍ବାଚନୀ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଲୋକ ସଭା ପ୍ରାର୍ଥୀ ଅଭିମନ୍ୟୁ ସେଠୀ ଓ ବିଧାୟକ ପ୍ରାର୍ଥୀ ସୀତାଂଶୁ ଶେଖର ମହାପାତ୍ର ଯୋଗଦେଇ ସାଧାରଣ ନିର୍ବାଚନରେ ଦଳୀୟ ରଣନୀତି ବାବଦରେ ସାଙ୍ଗଠନିକ ଆଲୋଚନା କରିଥିଲେ। ରାଜ୍ୟବାସୀ ଏବେ ଶାସକ ବିଜେଡି ଉପରେ ଅତିଷ୍ଠ ହେଲେଣି। ଏଥର ରାଜ୍ୟବାସୀ ପରିବର୍ତ୍ତନ ଚାହୁଁଛନ୍ତି ବୋଲି କହିଥିଲେ। ବୈଠକରେ ମଣ୍ଡଳର କର୍ମକର୍ତ୍ତା ଓ ପଦାଧିକାରୀମାନେ ଯୋଗ ଦେଇଥିଲେ।



ବୈଠକରେ ଭାଜପାର ଲୋକ ସଭା ଓ ବିଧାୟକ ପ୍ରାର୍ଥୀଙ୍କ ସହ କର୍ମକର୍ତ୍ତା।

## ଶ୍ରୀରାମ ନବମୀ ମହୋତ୍ସବ ପ୍ରସ୍ତୁତି

**ଭଦ୍ରକ, ୧୨।୪ (ରବିନାରାୟଣ ଖିଲାର)**

ଶ୍ରୀରାମ ନବମୀ ମହୋତ୍ସବ ପାଇଁ ଶ୍ରୀରାମ ସମିତି ସେବା ସଂଘ ପକ୍ଷରୁ ପ୍ରସ୍ତୁତି ବୈଠକ ବାଇପାସ୍ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୭ ତାରିଖରେ ଶ୍ରୀରାମ ନବମୀ ମହୋତ୍ସବ ନଗର ସଂକୀର୍ତ୍ତନ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ପ୍ରାୟ ୭ରୁ ୧୦ ହଜାର ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। କମିଟି ପକ୍ଷରୁ ପ୍ରଦୀପ କୁମାର ବଳ, ଭୀମସେନ ପାଣି, ମୋହନ ନାୟକ, କୁଲିଆ ମହାନ୍ତି, ନବଘନ ଦାସ, ସୁରେଶ ରାଉତରାୟ, ପରେଶ ଦାସ, ସୂର୍ଯ୍ୟନାରାୟଣ ମହାନ୍ତି, ଶମ୍ଭୁ ନାଥ, ଅକ୍ଷୟ ନାଥ, ସୁରେଶ ଚନ୍ଦ୍ର ମହାନ୍ତି, ହରିହର ସାହୁ, ବାବୁଲି ଦାସ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

## 'ଭାରତର ବିକାଶ, ସ୍ୱଚ୍ଛତା କ୍ଷେତ୍ରରେ ଜିଏସ୍‌ଟିର ବଡ଼ ଭୂମିକା ରହିଛି'



ସେମିନାରରେ ଉପସ୍ଥିତ ଅତିଥି।

**ବାସୁଦେବପୁର, ୧୨।୪ (ନାରାୟଣ ପ୍ରସାଦ ବାରିକ୍)**

ବାସୁଦେବପୁର ଅଟଳ ବିହାରୀ କଲେଜର ବାଣିଜ୍ୟ ବିଭାଗ ପକ୍ଷରୁ ଶୁକ୍ରବାର ମହାବିଦ୍ୟାଳୟ କନ୍‌ଫରେନ୍ସ ହଲ୍‌ରେ ଏକ ସେମିନାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସର୍ବଭାରତୀୟ ନାକ୍ କମିଟିର ସଦସ୍ୟ ପ୍ରଫେସର ଡ. ଜଗନ୍ନାଥ ଦାସ ଯୋଗଦେଇ ସଭାକୁ ଉଦ୍‌ଘାଟନ କରିଥିଲେ। 'ଭାରତର ଅର୍ଥନୀତିରେ ଜିଏସ୍‌ଟିର ଭୂମିକା' ଶୀର୍ଷକ ଉପରେ ମତ ରଖି ଭାରତର ବିକାଶ ଓ ସ୍ୱଚ୍ଛତା କ୍ଷେତ୍ରରେ ଜିଏସ୍‌ଟିର ଏକ ବଡ଼ ଭୂମିକା ଅଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଡ. ରବୀନ୍ଦ୍ର କୁମାର ଜେନା, ଅନ୍ୟତମ ଅତିଥି ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗ ପ୍ରାଧ୍ୟାପକ ଡ. ଆର୍ତ୍ତବନ୍ଧୁ ଜେନା, ମହାବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ବନମାଳୀ କୁଅଁର ପ୍ରମୁଖ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ବିଷ୍ଣୁମୋହନ ସ୍ୱାଇଁ ସଭାପତିତ୍ୱ କରିଥିଲେ। ଅଧ୍ୟାପିକା ମନୀଷା ଶତପଥି ସଭାରେ ସଂଯୋଜନା କରିଥିବା ବେଳେ ବାଣିଜ୍ୟ ବିଭାଗ ପ୍ରାଧ୍ୟାପକ ପରେଶ ଚନ୍ଦ୍ର ଦାଶ ସ୍ୱାଗତ ବକ୍ତବ୍ୟ ରଖିଥିଲେ।

## ନିରଞ୍ଜନଙ୍କୁ ନେଇ କଂଗ୍ରେସର ଶକ୍ତି ପ୍ରଦର୍ଶନ

**ବନ୍ତ, ୧୨।୪ (ହରିନାରାୟଣ ମହାନ୍ତି)**

ଭଦ୍ରକ ଜିଲା ବନ୍ତ ବ୍ଲକ କଂଗ୍ରେସ ଶୁକ୍ରବାର ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ନେଇ ଶକ୍ତି ପ୍ରଦର୍ଶନ କରିଛି। ନିଲୋକ ବଜାରଠାରୁ ବହୁ କର୍ମୀ ବିରାଟ ମୋଟର ସାଇକେଲ ଶୋଭାଯାତ୍ରାରେ ନିରଞ୍ଜନଙ୍କ ସମେତ ଅନ୍ୟ ଅତିଥିମାନଙ୍କୁ ବନ୍ତ ପର୍ଯ୍ୟନ୍ତ ପାଛୋଟି ଆଣି ବଜାର ପରିକ୍ରମା କରିଥିଲେ। ପରେ ବନ୍ତସ୍ଥିତ କେନ୍ଦୁଆପଦା ରୋଡ୍‌ଠାରେ ନୂତନ ବ୍ଲକ କଂଗ୍ରେସ କାର୍ଯ୍ୟାଳୟ ଉଦ୍‌ଘାଟନ କରାଯାଇଛି। ନିରଞ୍ଜନଙ୍କ ସମେତ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଭଦ୍ରକର ବରିଷ୍ଠ କଂଗ୍ରେସ ନେତା ବୁଲୁ ପଟ୍ଟନାୟକ, ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ଜିଲା କଂଗ୍ରେସ ସଭାପତି ଅଶୋକ ଦାସ ଓ ପୂର୍ବତନ ସଭାପତି ସୁବ୍ରତ ଦାସ ଯୋଗ ଦେଇଥିଲେ।

ବ୍ଲକ କଂଗ୍ରେସ ସଭାପତି ରାଜକିଶୋର ସ୍ୱାଇଁ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଲକ୍ଷ୍ମୀଧର ସାହୁ, ଯୁବନେତା ଜ୍ୟୋତି ରଞ୍ଜନ ନାୟକ, ନିରଞ୍ଜନ ମଲ୍ଲିକ, ଇଂ. ଲକି ମାଷ୍ଟର ସ୍ୱାଇଁ, ଇଂ. ସୁଧାଂଶୁ ନାୟକ, ସାଦ୍ଦିକ୍, କାହ୍ନା ନାୟକ, ଗୋପୀନାଥପୁର ସରପଞ୍ଚ ସବିତାରାଣୀ ନାୟକ, ପୂର୍ବତନ ସରପଞ୍ଚ ପ୍ରଦୀପ୍ତ ନାୟକ, ରବିନାରାୟଣ ମହାନ୍ତି, ସତ୍ୟବାନ ଦାଶ, କଳ୍ପତରୁ ସାହୁ, କାର୍ତ୍ତିକ ପୃଷ୍ଟି, ଗଙ୍ଗାଧର ପତି, କାର୍ତ୍ତିକ ଜେନା, ରମାକାନ୍ତ ପାଣିଗ୍ରାହୀ, ପ୍ରଫୁଲ୍ଲ ରାଉତ, ନରେନ୍ଦ୍ର ସେଠୀ ପ୍ରମୁଖ ଏଥିରେ ସାମିଲ ଥିଲେ। ୨୫ ପଞ୍ଚାୟତରୁ ୩ରୁ ୪ ହଜାର କର୍ମୀ ଯୋଗ ଦେଇଥିଲେ। ଏହି ଅବସରରେ ଥାନା ଛକଠାରେ ପଥପ୍ରାନ୍ତ ସଭା ହୋଇଥିଲା।

ପ୍ରକାଶଥାଉ କି, ସାଧାରଣ ନିର୍ବାଚନ ପାଇଁ ବିଜେଡି ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କୁ ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ କରିଥିବା ବେଳେ କଂଗ୍ରେସର ଏକମାତ୍ର ଦାବୀଦାର ନିରଞ୍ଜନ ଆଜି ଶୋଭାଯାତ୍ରା ମାଧ୍ୟମରେ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି। ଆଗାମୀ ଦିନରେ ସେ ଏଠାରୁ ପ୍ରାର୍ଥୀ ହେଉଛନ୍ତି ବୋଲି କର୍ମୀମାନଙ୍କୁ ବାର୍ତ୍ତା ଦେଇଥିଲେ।

**ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ**


ଶୋଭାଯାତ୍ରାରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସହ କଂଗ୍ରେସ ନେତୃବୃନ୍ଦ।

## ଅଖିଳ ଭାରତ କୃଷକ ସଭାର ପ୍ରତିଷ୍ଠା ଦିବସ

ଜଳେଶ୍ୱର,(ରବିନାରାୟଣ ପାତ୍ର): ଅଖିଳ ଭାରତ କୃଷକ ସଭାର ୮୯ତମ ପ୍ରତିଷ୍ଠା ଦିବସ ଜଳେଶ୍ୱର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। କୃଷକ ସଭାର ବ୍ଲକ ସମ୍ପାଦକ ରବୀନ୍ଦ୍ର ବାରିକ ପତାକା ଉତ୍ତୋଳନ କରି କୃଷକ ତାଙ୍କ ନାର୍ଯ୍ୟ ଅଧିକାର ପାଉ ନ ଥିବା କହିଛନ୍ତି। ଜିଲା ଉପସଭାପତି ଦିଲୀପ କୁମାର ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ସମ୍ପାଦକ ଶୀତାଂଶୁ ସେନାପତି, ଦୀପ୍ତିମାନ ଆଚାର୍ଯ୍ୟ, ପଲଟୁ ଦାସ, ସନ୍ତୋଷ ଦାସ, ନିରୋଜ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ସଂକ୍ଷେପରେ

### ରାମ ନବମୀ ପୂର୍ବରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ଯୋଡ଼ା,୧୨।୪(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ାରେ ଶାନ୍ତିଶୃଙ୍ଖଳାର ସହିତ ରାମ ନବମୀ ପାଳନ ନିମନ୍ତେ ରାଉରକେଲା ଡିଆଇଜି ଶୁକ୍ରବାର ଯୋଡ଼ା ଗସ୍ତ କରି ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଚଳିତ ମାସ ୧୭ ତାରିଖରେ ଯୋଡ଼ାରେ ରାମ ନବମୀ କିପରି ଶାନ୍ତି ଶୃଙ୍ଖଳାର ସହିତ ପାଳନ ହେବ, ସେ ନେଇ ଯୋଡ଼ା ମାର୍କେଟସ୍ଥିତ ଶିବ ମନ୍ଦିରକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। କେନ୍ଦୁଝର ଏସ୍‌ପି କୁଶଲ କର ନୀତିନ ଦାଗଡୁ, ବଡ଼ବିଲ ଏସ୍‌ଡିପିଓ ପ୍ରିୟ ରଞ୍ଜନ ଛୋଟରାୟ, ଯୋଡ଼ା ଆଇଆଇସି ଲୋକେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୨୦୨୨ରେ ଯୋଡ଼ାରେ ଶ୍ରୀରାମ ନବମୀ ପାଳନ ଅବସରରେ ଯୋଡା ମାର୍କେଟସ୍ଥିତ ଶିବ ମନ୍ଦିରରେ ରାମ ଝଣ୍ଡା ସ୍ଥାପନକୁ ନେଇ ହିନ୍ଦୁ ମୁସଲିମଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଆଗୁଆ ପ୍ରତିରୋଧ ମୂଳକ ବ୍ୟବସ୍ଥା କରାଯାଉଛି।

### ୨ ଦିନ ବଢ଼ିଲା ଝାଡ଼େଶ୍ୱର ବାରୁଣୀମେଳା

ରାମଚନ୍ଦ୍ରପୁର,୧୨।୪(ଗଣେଶ୍ୱର ସା)/ଆନନ୍ଦପୁର,(ଉମେଶ ଚନ୍ଦ୍ର ପାଢ଼ୀ): କେନ୍ଦୁଝର ଜିଲା ଘସିପୁରା ଝାଡ଼େଶ୍ୱରଙ୍କ ପୀଠରେ ଚାଲିଥିବା ବାରୁଣୀମେଳା ଆଉ ୨ ଦିନକୁ ବୃଦ୍ଧି ପାଇଛି। ଗତ ୬ ତାରିଖରୁ ଆରମ୍ଭ ହୋଇଥିବା ମେଳା ୧୨ରେ ସରିବାକୁ ଥିବା ବେଳେ ଆନନ୍ଦପୁର ଉପ ଜିଲାପାଳଙ୍କ ନିର୍ଦ୍ଦେଶରେ ୧୪ ପର୍ଯ୍ୟନ୍ତ ଘୁଞ୍ଚିଛି। ଚଳିତ ବର୍ଷ ଘସିପୁରା ଝାଡ଼େଶରଙ୍କ ପୀଠର ମେଳାରେ ବିଭିନ୍ନ ପ୍ରକାର ଷ୍ଟଲ ପଡ଼ିବା ସହ ଲୋକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ପ୍ରକାର ଦୋଳି, ମୀନାବଜାର, ଖାଦ୍ୟବଜାର ମଧ୍ୟ ଖୋଲିଛି। ଆନନ୍ଦପୁର ଉପ ଜିଲାପାଳ ଫାଲ୍‌ଗୁନି ମାଝୀଙ୍କ ନିର୍ଦ୍ଦେଶରେ କୋଠ ତହସିଲଦାର ସୁଶାନ୍ତ ସାମଲ, ମନୋଜ ସାହୁ, କମିଟି ସଦସ୍ୟ ଅଜୟ ସାହୁ, ରଘୁନାଥ ସାହୁ, ଦୀପକ ସାହୁ, ଚିନ୍ତାମଣି ସାହୁ, ବିକାଶ ସାହୁ, ଅକ୍ଷୟ ସାହୁ, ପରେଶ ସେଠୀ, ପ୍ରଶାନ୍ତ ସାହୁ, ଚକ୍ରଧର ସାହୁ ମେଳା ପରିଚାଳନା କରୁଥିବା ଜଣାପଡ଼ିଛି।

### ଚୋରି ଅଭିଯୋଗରେ ୩ ଗିରଫ

ପାଟଣା,୧୨।୪(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ପୋଲିସ ଶୁକ୍ରବାର ମାଇକ ଆମ୍ପ୍ଲିଫେୟାର୍ ଚୋରି ଅଭିଯୋଗରେ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପାଟଣା ଥାନା ମୁଖ୍ୟାଳୟ ଦୁର୍ଗାଦେଇପୁର ଗ୍ରାମର ଚନ୍ଦ୍ର ଶେଖର ବରଡିଆ (୩୫), ବଡ ପାଟଣା ଗ୍ରାମର ରଞ୍ଜନ କାରୁଆ (୩୦) ଓ ଟାଇଁଶିରା ଗ୍ରାମର ଡାକ୍ତର କାରୁଆ (୨୫)। ଦୁର୍ଗାଦେଇପୁର ବେହେରା ସାହିରେ ଠାକୁରାଣୀ ଓଷା ଚାଲିଥିବା ବେଳେ ଗ୍ରାମର ମାନସ ବେହେରାଙ୍କ ପ୍ରସେଶନ ପିକ୍‌ଅପ ଗାଡ଼ିରେ ୨ଟି ସାଉଣ୍ଡ ଆମ୍ପ୍ଲିଫେୟାର ମେସିନ ରଖିଥିଲେ। ମଙ୍ଗଳବାର ରାତିରେ ୩ ଦୁର୍ବୃତ୍ତ ତାହା ଚୋରି କରି ନେଇଥିଲେ। ଏ ନେଇ ପାଟଣା ଥାନାରେ ଏକ ମାମଲା(ନଂ.୧୬୯/୨୪) ରୁଜୁ ହୋଇଥିବା ଥାନା ଅଧିକାରୀ କହିଛନ୍ତି।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ପାଟଣା,୧୨।୪(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଉଜ୍ଜ୍ୱଳ କୁମାର ସାହୁ(୮୩)ଙ୍କ ଶୁକ୍ରବାର କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ପରଲୋକ ଘଟିଛି। ଶିକ୍ଷକତା ଜୀବନରୁ ଅବସର ପରେ ସେ ନିଜକୁ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିୟୋଜିତ ରଖିଥିଲେ। ସେ ଏକା ଧାରାରେ ଜଣେ ସୁଲେଖକ, ସାମାଜିକ କର୍ମୀ, ହୋମିଓ ପ୍ୟାଥିକ ଡାକ୍ତର ଥିଲେ। ତୁରୁମୁଙ୍ଗା ବୈତରଣୀ ନଦୀ କୂଳରେ ଅନ୍ତିମ ସତ୍କାର ସମ୍ପନ୍ନ ହୋଇଛି। ବଡପୁଅ ରଜତ କୁମାର ସାହୁ ମୁଖାଗ୍ନି ଦେଇଥିଲେ। ବିୟୋଗରେ ପାଟଣା ବିଧାୟକ ଜଗନ୍ନାଥ ନାଏକ, ପୂର୍ବତନ ବିଧାୟକ ହୃଷକେଶ ନାଏକ, ଭାଜପା ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା ପ୍ରମୁଖ ତାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ଫାଟକ ଆଗରେ ବାଲ୍‌ଟି ଧରି ବସିଲେ



ଛାତ୍ରୀମାନେ ଧାରଣରେ ବଶିଛନ୍ତି।

କେନ୍ଦୁଝର,୧୨।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

**ଧରଣୀଧର ବିଶ୍ୱବିଦ୍ୟାଳୟ**

**ଅନନ୍ୟା ଛାତ୍ରୀନିବାସରେ ଜଳ ସଙ୍କଟ**

କେନ୍ଦୁଝର ଜିଲା ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇବାପରେ ବ୍ୟବସ୍ଥାରେ ସୁଧାର ଆସିବ ବୋଲି ଛାତ୍ରୀଛାତ୍ର ଭାବିଥିଲେ। କିନ୍ତୁ ଅବସ୍ଥାରେ ସୁଧାର ଆସିବା ତ ଦୂରର କଥା ଜଳ ସଙ୍କଟ ଦେଖାଦେଇଛି। ବାରମ୍ବାର ଦାବି ପରେ କେହି ନ ଶୁଣିବାରୁ ଛାତ୍ରୀନିବାସର ଅନ୍ତେବାସୀ ଶୁକ୍ରବାର ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ଆଗରେ ବାଲ୍‌ଟି ରଖି ଧାରଣାରେ ବସିଥିଲେ।

ସୂଚନା ଅନୁଯାୟୀ, ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଅନନ୍ୟା ଛାତ୍ରୀନିବାସରେ ଦୀର୍ଘଦିନ ହେଲା ପାଣିର ଅଭାବ ଦେଖାଦେଇଛି। ଏ ନେଇ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ଓ ରେଜିଷ୍ଟ୍ରାରଙ୍କୁ ଜଣାଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ବାଧ୍ୟ ହୋଇ ଏହି ଚରମ ପଦକ୍ଷେପ ନେଇଥିବା ଛାତ୍ରୀମାନେ କହିଛନ୍ତି। ବିଶ୍ୱବିଦ୍ୟାଳୟର ଓଏସ୍‌ଡି ତଥା ଭାରପ୍ରାପ୍ତ କୁଳପତି ପ୍ରତାପ କୁମାର ମହାନ୍ତି ଆସି ବୁଝାଇ ଥିଲେ ମଧ୍ୟ ଛାତ୍ରୀମାନେ ପିଇବା ପାଣି ଦୂରର କଥା ନିତ୍ୟକର୍ମ ପାଇଁ ତାଙ୍କ ପାଖରେ ପାଣି ପହଞ୍ଚି ପାରୁ ନ ଥିବା କଥା କହିଥିଲେ। ପରେ ଭାରପ୍ରାପ୍ତ କୁଳପତି ପାନୀୟ ଜଳ ଯୋଗାଣ ସଂସ୍ଥାକୁ ଫୋନ ଯୋଗେ ଯୋଗାଯୋଗ କରିବା ପରେ ତୁରନ୍ତ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯାଇଥିଲା। ଏଥିସହ ଶୀଘ୍ର ଏହାର ସ୍ଥାୟୀ ସମାଧାନର ବାଟ ବାହାର କରାଯିବ ବୋଲି ପ୍ରତିଶ୍ରୁତି ପରେ ଛାତ୍ରୀମାନେ ଧାରଣାରୁ ଓହରି ଥିଲେ। ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ନରେନ୍ଦ୍ର ସାହୁ କହିଛନ୍ତି, ଅନ୍ୟ ହଷ୍ଟେଲ ଭଳି ଏଠାରେ ସିଧାସଳଖ ପାଣି ପାଇପ ଜରିଆରେ ଯୋଗାଣ ହେଉନି। ସିଧାର ସଳଖ ଜଳ ଯୋଗାଣ ପାଇଁ ଜଳ ଯୋଗାଣ ବିଭାଗକୁ ଚିଠି ଲେଖାଯାଇଛି। ଏବେ ଟ୍ୟାଙ୍କର ଯୋଗେ ପାଣି ଯୋଗାଇବାକୁ କୁହାଯାଇଛି।

**ପାଣି ପାଇଁ ପ୍ରତିବାଦ**

# ଗରା, ବାଲ୍‌ଟି ଧରି ବ୍ଲକ ଅଫିସ୍ ଘେରିଲେ

କେନ୍ଦୁଝର,୧୨।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ୍ ଗୌଣିଘସା ପଞ୍ଚାୟତ ଚିଲିକିଧରା ଗ୍ରାମର ବାଦବାହାଲି ସାହିରେ ନଳକୂପ ଅଚଳ ଯୋଗୁ ପାଣି ସମସ୍ୟା ଦେଖାଦେଉଛି। ସମସ୍ୟା ଉତ୍କଟ ହେବାରୁ ଗ୍ରାମର ମହିଳାମାନେ ଗୁରୁବାର ବ୍ଲକ୍ କାର୍ଯ୍ୟାଳୟ ଘେରାଉ କରି ଗରା, ବାଲଟି ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଶୀଘ୍ର ସମସ୍ୟା ସମାଧାନ କରିବାକୁ ଦାବି କରିଥିଲେ। ଅଭିଯୋଗ ଅନୁଯାୟୀ, ଉକ୍ତ ଗ୍ରାମର ବାଦବାହାଲି, ମହାନ୍ତସାହି ଓ ମାଟିଗାଁ ସାହିରେ ପାଖାପାଖି ୮୦ ପରିବାର ରହୁଛନ୍ତି। ମାଟିଗାଁ ସାହିରେ ଥିବା ନଳକୂପରୁ ଲୌହଯୁକ୍ତ ପାଣି ବାହାରୁଥିବାରୁ ତାହା ପିଇବା ଉପଯୋଗ ନୁହେଁ। ସେହିପରି ବାଦବାହାଲି ସାହିରେ ଥିବା ନଳକୂପରୁ କମ୍ ପରିମାଣର ପାଣି ବାହାରୁଛି। ପାଣି ପାଇଁ ନଳକୂପ ନିକଟରେ ମହିଳାମାନଙ୍କୁ ବହୁ ସମୟ ଧରି ଅପେକ୍ଷା କରିବାକୁ ପଡୁଛି। ଉଭୟ ନଳକୂପ ମରାମତି କରିବା ସହ ମହାନ୍ତ ସାହିରେ ଜଳ ସମସ୍ୟା ଦୂର କରିବାକୁ ଏକ ନଳକୂପ ଖନନ କରିବାକୁ ମହିଳାମାନେ ଦାବି କରିଆସୁଛନ୍ତି। କିନ୍ତୁ ପଦକ୍ଷେପ ନିଆ ନ ଯିବାରୁ ଏଭଳି ପ୍ରତିବାଦ ଗ୍ରହଣ କରିଥିବା ନମିତା ମାଝୀ, ଚେମି ମହାନ୍ତ, ପ୍ରେମଲତା ମହାନ୍ତ, ସୁମିତ୍ରା ହେମ୍ବ୍ରମ ସମେତ ମହିଳାମାନେ କହିଛନ୍ତି। ବ୍ଲକ୍ ପକ୍ଷରୁ ନଳକୂପ ମରାମତି ପାଇଁ ପ୍ରତିଶ୍ରୁତି ପରେ ମହିଳାମାନେ ଫେରିଥିଲେ। ସେହିପରି ହରିଚନ୍ଦନପୁର ବ୍ଲକ୍ ହୁଣ୍ଡା ପଞ୍ଚାୟତ ଗଜାଆମ୍ବ ଗ୍ରାମର ଭାଲିଆଗ ଓ ରେବଣାପଳାଶପାଳ ପଞ୍ଚାୟତ ଅସନବାହାଲି ଗ୍ରାମର ଘୁଟମୁହିଁ ସାହିରେ ପାନୀୟଜଳ ସମସ୍ୟା ଲାଗି ରହିଥିବାରୁ ସମସ୍ୟା ଦୂର କରିବାକୁ ସ୍ଥାନୀୟ ଆଦିବାସୀ ଲୋକ କିଛିଦିନ ପୂର୍ବରୁ ଦାବି କରିଥିଲେ। ପାଣି ସମସ୍ୟାକୁ ନେଇ ସେମାନେ ବାଧ୍ୟହୋଇ ଚୁଆପାଣି ପିଇ ଶୋଷ ମେଣ୍ଟାଉଛନ୍ତି ବୋଲି କହିଛନ୍ତି। ସାହି ନିକଟରେ ଥିବା ନଳକୂପରୁ ଖରାଦିନେ ପାଣି ବାହାରୁ ନ ଥିବାରୁ ବାଧ୍ୟ ହୋଇ ଲୋକେ ଚୁଆପାଣି ପିଉଛନ୍ତି। ଦୂଷିତ ପାଣି ପିଇ ଲୋକେ ବିଭିନ୍ନ ସଂକ୍ରାମକ ରୋଗରେ ଆକ୍ରାନ୍ତ ହେଉଛନ୍ତି। ତୁରନ୍ତ ସେଠାରେ ଏକ ନଳକୂପ ଖନନ କରିବାକୁ ଦାବି କରିଛନ୍ତି। ସେହିପରି ଘୁଟମୁହିଁ ସାହିରେ ପାନୀୟଜଳ ସମସ୍ୟା ଥିବାରୁ ସାହିରେ ଏକ ନଳକୂପ ଖନନ କରିବାକୁ ସ୍ଥାନୀୟ ଭଜମନ ବେହେରା, ଦଶରଥ ମାଝୀ, ଭରତ ମାଝୀ ପ୍ରମୁଖ ଦାବି କରିଛନ୍ତି।


ପ୍ରତିବାଦ କରିବାକୁ ଆସୁଥିବା ମହିଳାମାନେ।

**ହରିଚନ୍ଦନପୁରରେ ଜଳ ସମସ୍ୟା ଉତ୍କଟ**

# ସମନ୍ୱୟ ରଖି ନିର୍ବାଚନ ଦାୟିତ୍ୱ ତୁଲାଇବାକୁ ନିର୍ଦ୍ଦେଶ


ବୈଠକରେ ଉପସ୍ଥିତ ଅଧିକାରୀମାନେ।

କେନ୍ଦୁଝର,୧୨।୪ (ନରେଶ ଚନ୍ଦ୍ର ପଟ୍ଟନାୟକ)

**ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କେନ୍ଦୁଝର ଗସ୍ତ**

ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଶ୍ରୀକାନ୍ତ ପୃଷ୍ଟି ଏବଂ ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରମୋଦ ସାହୁ ଶୁକ୍ରବାର କେନ୍ଦୁଝରରେ ଗସ୍ତରେ ଆସି ସାଧାରଣ ନିର୍ବାଚନକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ଚାଲିଥିବା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ବିଭିନ୍ନ ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରଖି ନିର୍ବାଚନ ତୁଲାଇବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ବିଶାଲ ସିଂହ, ପଶ୍ଚିମାଞ୍ଚଳ ଡ଼ିଆଇଜି ନୀତି ଶେଖର, ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର, ଅତିରିକ୍ତ ଜିଲାପାଳ ଯଦୁମଣି ମହଲା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଜିଲାର ସମସ୍ତ ବିଧାନସଭା ମଣ୍ଡଳୀର ଓ କେନ୍ଦୁଝର ଲୋକସଭା ଅନ୍ତର୍ଗତ ମୟୂରଭଞ୍ଜ ଜିଲା କରଞ୍ଜିଆ ବିଧାନସଭା ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର, ଅତିରିକ୍ତ ରିଟର୍ଣ୍ଣିଂ ଅଫିସର, ପରିଚାଳନା ଦାୟିତ୍ୱରେ ଥିବା ଜିଲାସ୍ତରୀୟ ବିଭିନ୍ନ ନୋଡାଲ ଅଧିକାରୀ ଯୋଗ ଦେଇଥିଲେ। ନିର୍ବାଚନ ଆଚରଣ ବିଧିକୁ କଡ଼ାକଡ଼ି ପାଳନ କରିବା ଉପରେ ଜୋର ଦେଇଥିଲେ। ଜିଲାରେ ଅବାଧ, ନିରପେକ୍ଷ, ସ୍ୱଚ୍ଛ, ଶାନ୍ତିପୂର୍ଣ୍ଣ ନିର୍ବାଚନ ପାଇଁ ଜନସାଧାରଣଙ୍କ ମନରେ ବିଶ୍ୱାସ ସୃଷ୍ଟି କରିବା ପାଇଁ ପ୍ରଶାସନକୁ ପରାମର୍ଶ ଦେଇଥିଲେ। ଭୋଟ ଗ୍ରହଣ କେନ୍ଦ୍ରଗୁଡ଼ିକରେ ପାନୀୟ ଜଳ, ପରିମଳ, ବିଜୁଳି ଆଲୋକ ବ୍ୟବସ୍ଥା ପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ବୈଠକ ପୂର୍ବରୁ ରାଜସ୍ୱ ଆୟୁକ୍ତ ଇଭିଏମ ସଂରକ୍ଷିତ କେନ୍ଦ୍ର ପରିଦର୍ଶନ କରିଥିଲେ।

# କୂଅରେ ପଡ଼ି ବୃଦ୍ଧ ମୃତ

ଚମ୍ପୁଆ,୧୨।୪(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ କାଳିକାପ୍ରସାଦ ଗ୍ରାମର ଏକ ପରିତ୍ୟକ୍ତ କୂଅରେ ପଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ଗୌରୀଶଙ୍କର ରାଉତ। ସେ ଗୁରୁବାର ୩ ଟା ବେଳେ ଘରୁ ଖାଇ ସାରି ବାହାରକୁ ବୁଲିବାକୁ ଯାଇଥିଲେ। ସନ୍ଧ୍ୟା ପରେ ସେ ଘରକୁ ନ ଫେରିବାରୁ ଘର ଲୋକ ବିଭିନ୍ନ ଆଡ଼େ ତାଙ୍କୁ ଖୋଜା ଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ଶୁକ୍ରବାର ସକାଳୁ ଲୋକଙ୍କଠାରୁ ଖବର ପାଇ ଏକ ପରିତ୍ୟକ୍ତ କୂଅରେ ଭାସୁଥିବା ଦେଖି ପରିବାର ଲୋକେ ତାଙ୍କୁ ଚିହ୍ନଟ କରିଥିଲେ। ଚମ୍ପୁଆ ପୋଲିସ ଅଗ୍ନିଶମ ବିଭାଗ ସହାୟତାରେ ମୃତଦେହ ବାହାର କରି ଚମ୍ପୁଆ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏ ନେଇ ଗୌରୀଶଙ୍କର ପୁତ୍ର ଶୁଭପ୍ରକାଶ ରାଉତଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୩/୨୪) ରୁଜୁ କରି ତଦନ୍ତ ଜାରି ରଖିଛି।

# ୨୮ ଟଙ୍କା ପାଇଁ ଅଧିକାରୀ ହଟହଟା

ହାଟଡ଼ିହୀ,୧୨।୪(ଶୁଭକାନ୍ତ ନାୟକ)

ମାତ୍ର ୨୮ ଟଙ୍କା ପାଇଁ ଅନୁଗୋଳ ଡିଭିଜନାଲ ଫରେଷ୍ଟ ଅଫିସ ଜନ ସୂଚନା ଅଧିକାରୀ ହଟହଟା ହୋଇଛନ୍ତି। ଅଧିକାରୀ ଜଣକ ସୂଚନା ପ୍ରଦାନ ନିମନ୍ତେ ଟଙ୍କା ନେଇ ପ୍ରଥମେ ଫାଙ୍କି ଦେଲେ। ପରେ ଡିଭିଜନାଲ ଫରେଷ୍ଟ ଅଫିସରଙ୍କ ନିର୍ଦ୍ଦେଶ ପରେ ନେଇଥିବା ୨୮ ଟଙ୍କା ଆବେଦନକାରୀଙ୍କୁ ଫେରସ୍ତ କରିବା ସହ ମାଗଣାରେ ସୂଚନା ପ୍ରଦାନ କରିଛନ୍ତି।

ସୂଚନା ଅନୁଯାୟୀ, କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଅଞ୍ଚଳର ଜଣେ ବ୍ୟକ୍ତି ସୂଚନା ଅଧିକାର ଆଇନ ବଳରେ ଅନୁଗୋଳ ଡିଭିଜନାଲ ଫରେଷ୍ଟ ଅଫିସରୁ ଏକ ସୂଚନା ନିମନ୍ତେ ଆବେଦନ କରିଥିଲେ। ଅନୁଗୋଳ ଡିଭିଜନାଲ ଫରେଷ୍ଟ ଅଫିସ ଜନ ସୂଚନା ଅଧିକାରୀ ସୂଚନା ଖର୍ଚ୍ଚ ବାବଦରେ ଚିଠି ପାଇବାର ୧୫ ଦିନ ମଧ୍ୟରେ ୨୮ ଟଙ୍କା ଜମା କରିବାକୁ ଚିଠି (ନଂ. ୮୦୪୨/୪।୧୨।୨୦୨୩) ଅନୁସାରେ ଆବେଦନକାରୀଙ୍କୁ ଜଣାଇଥିଲେ। ଆବେଦନକାରୀ ୧୯ ଡିସେମ୍ବର ୨୦୨୩ରେ ଡାକ ବିଭାଗ ଜରିଆରେ ୨୮ ଟଙ୍କା ପ୍ରେରଣ କରିଥିଲେ। ୨୦ ଡିସେମ୍ବର ୨୦୨୩ରେ ଅଧିକାରୀ ଜଣଙ୍କୁ ଉକ୍ତ ୨୮ ଟଙ୍କା ପ୍ରାପ୍ତ ହୋଇଥିଲା। କିନ୍ତୁ ସୂଚନା ଖର୍ଚ୍ଚ ଧାର୍ଯ୍ୟ ସମୟରେ ପ୍ରଦାନ ହୋଇ ନ ଥିବା କାରଣ ଦର୍ଶାଇ ଆବେଦନ ପତ୍ର ରିଜେକ୍ଟ ହେବା ନେଇ ଜନ ସୂଚନା ଅଧିକାରୀ ଚିଠି (ନଂ. ୧୩୫୪/୧୩।୨।୨୦୨୪) ରେ ଜଣାଇଥିଲେ। ଆବେଦନକାରୀ ଏହା ବିରୋଧରେ ଏକ ଅପିଲ ୨୦୨୪ ମାର୍ଚ୍ଚ ୭ରେ ଦାୟର କରିଥିଲେ। ମାଗଣାରେ ସୂଚନା ଦେବା ସହ ୨୮ ଟଙ୍କା ଫେରସ୍ତ ପାଇଁ ପ୍ରଥମ ଆପିଲେଟ ଅଥରିଟି ତଥା ଡିଭିଜିନାଲ ଫରେଷ୍ଟ ଅଫିସର ଚିଠି (ନଂ. ୨୩୫୯/୨୦।୩।୨୦୨୪)ରେ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ପରେ ଜନ ସୂଚନା ଅଧିକାରୀ ଜଣକ ମାଗଣାରେ ସୂଚନା ଦେବା ସହ ୨୮ ଟଙ୍କା ଡାକ ବିଭାଗ ଜରିଆରେ ପ୍ରଦାନ କରିଥିବା ଆବେଦନକାରୀ କହିଛନ୍ତି।

# ଚିକିତ୍ସା ଅବହେଳାରୁ ସାପ କାମୁଡ଼ା ରୋଗୀଙ୍କ ମୃତ୍ୟୁ

**ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନା**

ଆନନ୍ଦପୁର,୧୨।୪(ଉମେଶ ଚନ୍ଦ୍ର ପାଢ଼ୀ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଚିକିତ୍ସାରେ ଅବହେଳାରୁ ଜଣେ ସାପ କାମୁଡ଼ା ରୋଗୀଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ବଡ଼ ବାପା ଅଭିଯୋଗ କରିଥିବା ଜଣାପଡ଼ିଛି। ଅଭିଯୋଗ ମୁତାବକ, ଘସିପୁରା ବ୍ଲକ୍ ଅନ୍ତର୍ଗତ ନନ୍ଦୁଆଁର ସ୍ୱର୍ଗତ ନୀଳମଣି ମୁଦୁଲିଙ୍କ ଝିଅ ତପସ୍ୟା (୧୩)ଙ୍କୁ ଏକ ଚିତି ସାପ କାମୁଡ଼ିଥିଲା। ବଡ଼ବାପା ନିଖିଳ ମୁଦୁଲି ତାଙ୍କୁ ବିଳମ୍ବିତ ରାତିରେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ଆଣିଥିଲେ। ଏହି ସମୟରେ ଆଉଟଡୋରରେ କାହାକୁ ନ ପାଇ ଜଣେ ସୁରକ୍ଷା କର୍ମଚାରୀଙ୍କୁ ପଚାରିବାରୁ ଡାକ୍ତର ପ୍ରସୂତି ବିଭାଗରେ ରୋଗୀ ଦେଖିବାକୁ ଯାଇଥିବା ସେ କହିଥିଲେ। ଝିଅକୁ ଧରି ନିଖିଳ ପ୍ରସୂତି ବିଭାଗର ତଳ ମହଲାରୁ ଉପର ତିନି ମହଲା ପର୍ଯ୍ୟନ୍ତ ବହୁ ସମୟ ଖୋଜାଖୋଜି ପରେ ଡାକ୍ତରଙ୍କୁ ପାଇଥିଲେ। ଏହାର କିଛି ସମୟ ପରେ ତପସ୍ୟାଙ୍କୁ ଆଣ୍ଟି ସ୍ନେକ ଭ୍ୟାକସିନ ଦିଆଯାଇଥିଲା। ମାତ୍ର ଅବସ୍ଥା ସୁଧରିବା ପରିବର୍ତ୍ତେ ଅଧିକ ଗୁରୁତର ହୋଇଥିଲା। ତେଣୁ ତାଙ୍କୁ କଟକ ଶିଶୁଭବନକୁ ସ୍ଥାନାନ୍ତର କରାଯାଇଥିଲା। କଟକ ପହଞ୍ଚିବା ପୂର୍ବରୁ ତାଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ କହିଛନ୍ତି। ତୁରନ୍ତ ଚିକିତ୍ସା ମିଳି ନ ଥିବାରୁ ଝିଆରୀଙ୍କ ମୃତ୍ୟୁ ଘଟିଥିବା ବଡ଼ବାପା ପ୍ରକାଶ କରିଥିଲେ। ଉପଖଣ୍ଡ ମୁଖ୍ୟ ଚିକିତ୍ସା ଅଧିକାରୀ ଧନେଶ୍ୱର ସେଠୀ କହିଛନ୍ତି, ଡାକ୍ତରଖାନାରେ କୌଣସି ପ୍ରକାରର ଅବହେଳା ହୋଇନାହିଁ। ଜଣେ ମାତ୍ର ଡାକ୍ତର କାର୍ଯ୍ୟରତ ଥିବାରୁ ଚିକିତ୍ସାରେ ବିଳମ୍ବ ହୋଇଥିବା କହିଥିଲେ।

# ଖଇରା କଲେଜ ଏନସିସି ୟୁନିଟ୍ ଆଲୋଚନାଚକ୍ର



ଅଗ୍ନିବୀର ପାଇଁ କୃତକାର୍ଯ୍ୟ ହୋଇଥିବା ଛାତ୍ରମାନଙ୍କୁ ମହାବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଉଛି।

ଖଇରା, ୧୨।୪(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲାର ଅନ୍ୟତମ ଅଗ୍ରଣୀ ଖଇରା କଲେଜ ଏନସିସି ୟୁନିଟ୍‌ର ଏକ ଆଲୋଚନାଚକ୍ର, ଆର୍ମି ୟୁନିଟ୍ ତୃତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ବିଦାୟ ଉତ୍ସବ ସହିତ ଅଗ୍ନିବୀରମାନଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଶୁକ୍ରବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। 'ରାଷ୍ଟ୍ର ପାଇଁ ଦିନଟିଏ' ଶୀର୍ଷକ ଉପରେ ଆୟୋଜିତ ଆଲୋଚନାଚକ୍ରରେ ପରିଚାଳନା କମିଟି ସଭାପତି ମୁକ୍ତିକାନ୍ତ ଶତପଥି ଅଧ୍ୟକ୍ଷତା କରିଥିଲେ। ଭାରତୀୟ ସେନାରୁ ଅବସର ଗ୍ରହଣ କରିଥିବା କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜାତୀୟତା ଭାବନା ଉପରେ ଆଲୋଚନା ରଖି ସେନା ବାହିନୀରେ ଯୋଗଦେବାକୁ ପରାମର୍ଶ ଦେଇଥିଲେ । ଇତିହାସ ବିଭାଗ ଅଧ୍ୟାପକ ସୁଜିତ କୁମାର ଛାଟିଆ ପିଲାମାନଙ୍କର ଶୃଙ୍ଖଳା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟାପକ ତଥା ଏନସିସି ଅଧିକାରୀ ଲେଫ୍‌ଟନାଣ୍ଟ ଡ. ଉଦୟ ରଞ୍ଜନ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ କର୍ଣ୍ଣେଲ ମହାପାତ୍ରଙ୍କ ସମେତ ଅଗ୍ନିବୀର ଭାବେ ମନୋନୀତ ହୋଇଥିବା କଲେଜ ଛାତ୍ର ପ୍ରଦୀପ କୁମାର ସାହୁ, ପ୍ରଦୀପ କୁମାର ରାଉତ, ଗୁରୁପ୍ରସାଦ ମହାନ୍ତି, ସତ୍ୟସୁନ୍ଦର ମାଝି, ଅଭୟ କୁମାର ରାଉତ, ଜ୍ୟୋତି ରଞ୍ଜନ ପୋଇ ଓ ମାନସ ରଞ୍ଜନ ବିନ୍ଧାଣୀଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । କଲେଜର ଅଧ୍ୟାପନା ମଣ୍ଡଳୀ, କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ।

# ଟୋଲଗେଟ୍‌ରେ ୩ ଘଣ୍ଟା ଅଟକିଲା ଲକ୍ଷ୍ମୀ ବସ୍

**ଛାତ୍ରୀଛାତ୍ର ଓ କର୍ମଚାରୀ ହୀନସ୍ତା**

କେନ୍ଦୁଝର,୧୨।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

ରାଜ୍ୟ ସରକାର ଜନସାଧାରଣଙ୍କ ସୁବିଧା ପାଇଁ ଗାଁକୁ ସହର ସହ ଯୋଡ଼ିବା ପାଇଁ ଲକ୍ଷ୍ମୀ ବସ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଉପଯୁକ୍ତ ପରିଚାଳନା ଅଭାବରୁ ନାନା ସମସ୍ୟା ଦେଖାଦେଉଛି। ଶୁକ୍ରବାର ଏଭଳି ଏକ ବସ୍‌ର ଫାଷ୍ଟଟ୍ୟାଗ୍‌ରେ ଟୋଲ ଦେବାକୁ ଟଙ୍କା ନ ଥିବାରୁ କେନ୍ଦୁଝର ଜିଲା ସଦର ଥାନା ବନାଯୋଡ଼ି ଟୋଲଗେଟ୍‌ରେ ଦୀର୍ଘ ସମୟ ଧରି ବସ୍ ଅଟକି ରହିଥିଲା। ଫଳରେ ଯାତ୍ରୀନଙ୍କୁ ଦୀର୍ଘ ୩ ଘଣ୍ଟା ସେଠାରେ ଅପେକ୍ଷା କରିବାକୁ ପଡ଼ିଥିଲା।

ସୂଚନା ମୁତାବକ, ଲକ୍ଷ୍ମୀ ବସ୍(ନଂ. ଓଡି ୦୯ ଏବି ୧୦୦୬) ସକାଳ ୫ଟା ୩୦ ଘଟିକାରେ କେନ୍ଦୁଝରରୁ ପର୍ଜନପୁର, ପଳାଶପଙ୍ଗା, ରାଇକଳା, ହାଣ୍ଡିଭଙ୍ଗା ପଞ୍ଚାୟତ ଅଭିମୁଖେ ଯାତ୍ରୀ ନେଇ ଗନ୍ତବ୍ୟସ୍ଥଳକୁ ଯାଉଥିଲା। ସକାଳ ୬ ଘଟିକା ସମୟରେ ବନାଯୋଡ଼ି ଟୋଲଗେଟ୍‌ରେ ଫାଷ୍ଟଟ୍ୟାଗରେ ଟଙ୍କା ନ ଥିବାରୁ ଅଟକି ରହିଥିଲା। ଚାଳକ ଉପରିସ୍ଥ ଅଧିକାରୀଙ୍କୁ ଫୋନରେ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ଉତ୍ତର ଆସି ନ ଥିଲା। ବସ୍‌ରେ ଶିଶୁ ବିଦ୍ୟାମନ୍ଦିର, ସରକାରୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ହାଇସ୍କୁଲକୁ ଯାଉଥିବା ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ, ଶିକ୍ଷକ ଓ ସରକାରୀ, ବେସରକାରୀ କର୍ମଚାରୀଙ୍କୁ ବହୁ ହଇରାଣ ହେବାକୁ ପଡ଼ିଥିଲା। ପ୍ରାୟ ୨ରୁ ୩ ଘଣ୍ଟା ପରେ ଲକ୍ଷ୍ମୀ ବସ ପୁଣି ଗନ୍ତବ୍ୟସ୍ଥଳକୁ ଯାଇଥିଲା। ଓଡ଼ିଶା ରାଜ୍ୟ ପରିବହନ ନିଗମର ଜିଲା ମ୍ୟାନେଜର ଗୌରବ ଜେନା କହିଛନ୍ତି, ଗୋଟିଏ ଆକାଉଣ୍ଟରୁ ସବୁ ବସର ଫାଷ୍ଟ ଟ୍ୟାଗ୍ ଲିଙ୍କ ରହିଛି। ବ୍ୟାଙ୍କରେ ଟଙ୍କା ଅଛି, ଲିଙ୍କ ଫେଲରୁ ଏଭଳି ହେଉଥିବା ଜାଣିବା ପରେ ଛାଡ଼ିଥିବା ସେ କହିଥିଲେ।




# ମୋରମ ବୋଝେଇ ଡମ୍ଫରରୁ ଜରିମାନା ଆଦାୟ

ବେତନଟୀ,୧୨।୪(ଧରଣୀଧର ମହାନ୍ତି): ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ବେତନଟୀ–ମେର୍ଦା ରାସ୍ତାର ପୁରିନ୍ଧା ଗ୍ରାମ ସିମାରେ ବେଆଇନ ଭାବେ ମୋରମ ବୋଝେଇ ଏକ ଡମ୍ଫରକୁ ଜବତ କରି ୧୫ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ଗାଡିକୁ ବେତନଟୀ ପୋଲିସ ଜବତ କରିଥିବା ବେଳେ ବେତନଟୀ ତହସିଲଦାର ସୁରତ ଚନ୍ଦ୍ର ରାଉତ ଜରିମାନା ଟଙ୍କା ଆଦାୟ କରିଥିଲେ। ସୂଚନା ମୁତାବକ, ନିର୍ମାଣାଧୀନ ସୁବର୍ଣ୍ଣରେଖା କେନାଲ କାର୍ଯ୍ୟରେ ହଜାରହଜାର ଟ୍ରିପ ମୋରମ ବ୍ୟବହାର କରାଯାଉଥିବା ବେଳେ ମୋରମ ଉତ୍ତୋଳନ ଏବଂ ପରିବହନ ପାଇଁ କୌଣସି ପ୍ରକାର ସରକାରୀ ଅନୁମତି ନିଆଯାଉନାହିଁ । ଫଳରେ ଖୁଲ୍ଲମଖୁଲା ଦିନ ଦ୍ୱିପ୍ରହରରେ କେନାଲକାମ ନିମନ୍ତେ ମୋରମ ଉତ୍ତୋଳନ ଏବଂ ପରିବହନ କରାଯାଉଛି। ଏହି ଡମ୍ଫର ଟି ସୁବର୍ଣ୍ଣରେଖା କେନାଲ ପାଇଁ ଚୋରା ମୋରମ ନେଇ ଯାଉଥିବା ବେଳେ ବେତନଟୀ ପୋଲିସ ଧରିବାରେ ସକ୍ଷମ ହୋଇଥିଲା।

# ପ୍ରଚାର ମଇଦାନରେ ସୁକାନ୍ତ

ନୀଳଗିରି,୧୨।୪(ପ୍ରଶାନ୍ତ ବିଶ୍ୱାଳ)– ନୀଳଗିରି ନିର୍ବାଚନମଣ୍ଡଳୀରେ ବିଜେଡି ରାଜନୈତିକ ମାହୋଲ ଏବେ ଚଳଚଞ୍ଚଳ ରହିଛି। ଏହି କ୍ରମରେ ଶୁକ୍ରବାର ନୀଳଗିରି ବଣସୀମା ଆରବନ୍ଦ ପଞ୍ଚାୟତରେ ବିଧାୟକ ଇଂ. ସୁକାନ୍ତ ନାୟକ ମାରାଥନ ସମ୍ମିଳନୀ କରିଛନ୍ତି। ହଜାର ହଜାର ମହିଳା ସମେତ ପଞ୍ଚାୟତବାସୀ ସୁକାନ୍ତଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସମ୍ମିଳନୀରେ ବିଧାୟକ ତାଙ୍କ ବକ୍ତବ୍ୟରେ ଅଞ୍ଚଳର ଯେଉଁ ବିକାଶ ହୋଇଛି ତାହା ଜାଣିଛନ୍ତି। ଆଉ ଯାହା ବିକାଶ ହେବାକୁ ଯାଉଛି ସେଥିପାଇଁ ଆପଣମାନଙ୍କ ଆଶୀର୍ବାଦ ଏକାନ୍ତ କାମ୍ୟ। ଆଗକୁ ଆଶୀର୍ବାଦ କଲେ ବିକାଶ ଦ୍ୱିଗୁଣିତ ହେବ ବୋଲି କହିଥିଲେ। ସମ୍ମିଳନୀରେ ଆରବନ୍ଦ ସରପଞ୍ଚ କୁଳମଣି ନାୟକଙ୍କ ସଭାପତିତ୍ୱରେ ସ୍ଥାନୀୟ ସମିତିସଭ୍ୟା ବିନୀତା ମଢ଼େଇ, ବଣସୀମା ନେତା ଉପେନ୍ଦ୍ର ଦାସ, ଅକ୍ଷୟ ବେହେରା, ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ରମେଶ ମହାନ୍ତି, ଗଙ୍ଗାଧର ମିଶ୍ର, ଶୁଭାଶିଷ ଆଚାର୍ଯ୍ୟ, ଲୋକନାଥ ଦଳେଇ, ଶୁଭାଶିଷ ଆଚାର୍ଯ୍ୟ, ପୂର୍ବତନ ସରପଞ୍ଚ ତନୁଜା ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ।

